# ନିଯୁକ୍ତି ମେଳା: ୧୫ ବର୍ଷ ପରେ ବୃହତ୍ ଶିଳ୍ପ କମ୍ପାନୀ ସାମିଲ

- ଖଣି କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଣଦେଖା
- ୯୭୭ ଜଣ ପ୍ରାଥମିକ ଭାବେ ଚୟନ

ଯାଜପୁର, ୨୭।୨ (ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଜିଲା ପ୍ରଶାସନ ଦ୍ୱାରା ଶୁକ୍ରବାର ସ୍ଥାନୀୟ ଏନ୍‌ସି କଲେଜ ପଡ଼ିଆଠାରେ ଜିଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଏହି ମେଳା ଆୟୋଜନ କରାଯାଇଛି। ଜିଲା ତଥା ଜିଲା ବାହାର ପ୍ରତିଷ୍ଠିତ ପ୍ରାୟ ୪୩ଟି ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ୨୪ଟି ଦକ୍ଷତା ବିକାଶ ତାଲିମ ପ୍ରଦାନକାରୀ ସଂସ୍ଥାର ପ୍ରତିନିଧି ଏଥିରେ ଯୋଗଦେଇଥିଲେ। ତେବେ ୧୫ ବର୍ଷ ପରେ କଳିଙ୍ଗନଗର ଶିଳ୍ପାଞ୍ଚଳର କେତେକ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ଏଥର ସାମିଲ ହୋଇଥିବାରୁ ଆଶାୟୀ ଶିକ୍ଷିତ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ତେବେ କୌଣସି ଖଣି କମ୍ପାନୀ କର୍ତ୍ତୃପକ୍ଷ ଏହି ମେଳାରେ ଅଂଶଗ୍ରହଣ କରି ନ ଥିବାରୁ ବିଭିନ୍ନ କ୍ଷେତ୍ରରେ ବୈଷୟିକ ଶିକ୍ଷା ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା, ଶିଳ୍ପାନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବେ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା ହୋଇଥିଲା। ଏହି ନିଯୁକ୍ତି ମେଳାରେ ୧୧୭୮ ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯୭୭ ଜଣ ବିଭିନ୍ନ ବେସରକାରୀ ସଂସ୍ଥାର ପଦ ପଦବୀ ପାଇଁ ନିଯୁକ୍ତିଦାତାମାନଙ୍କ ଦ୍ୱାରା ପ୍ରାଥମିକ ଭାବେ ଚୟନ ହୋଇଥିଲେ। ସେଥିମଧ୍ୟରୁ ସ୍ଥାନୀୟ ଶିଳ୍ପ ସଂସ୍ଥା ଯଥା ଟାଟା, ଜିନ୍ଦଲ, ନ୍ୟୁ ଭିଷ୍ଟା, ବ୍ରାହ୍ମଣୀ ରିଭର୍ ପିଲେଟ ଲିମିଟେଡ୍(ବିଆର୍‌ପିଏଲ୍), ସାଇଜର ଭଳି ୮ଟି ମାନବ ସମ୍ବଳ ଯୋଗାଉଥିବା ସଂସ୍ଥା ୧୮୫ ଜଣଙ୍କୁ ଚୟନ କରିଥିଲେ। ୨୦୧ ଜଣ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ ନିମନ୍ତେ ବିବେଚିତ ହୋଇଛନ୍ତି।

ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ମେଳାରେ ଯୋଗଦେଇ ବେକାରି ସମସ୍ୟା ଦୂର କରିବାରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ। ଯାଜପୁର ଏମ୍‌ପି ପ୍ରତିନିଧି ଅଶୋକ କୁମାର ଓଝା, ଏନ୍‌ସି କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ପଦ୍ମ ଚରଣ ସେଠୀ, ଜିଲା ଶିଳ୍ପ କେନ୍ଦ୍ରର ଅତିରିକ୍ତ ପରିଚାଳକ ନିରଞ୍ଜନ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ, ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା, ଜିଲା ଶିଳ୍ପ କେନ୍ଦ୍ରର ଅତିରିକ୍ତ ପରିଚାଳକ ନିରଞ୍ଜନ ନାୟକ, ଆଇଟିଆଇ କଲେଜ ଅଧ୍ୟକ୍ଷ ପଦ୍ମଚରଣ ସେଠୀ, କନିଷ୍ଠ ନିୟୋଜନ ଅଧିକାରୀ ମାନସ କୁମାର କୁଅଁର, ସେକ୍ସନ ଅଧିକାରୀ ସରୋଜ କୁମାର ପତି, ୟଙ୍ଗ ପ୍ରଫେସନାଲ ସୁରମା ସେନଗୁପ୍ତା ଓ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ରାକେଶ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଏନ୍‌ସି କଲେଜର ଅଧ୍ୟାପକ ବିନୋଦ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସହଯୋଗ କରିଥିଲେ। କଳିଙ୍ଗନଗର ଶିଳ୍ପାୟନ ଦ୍ୱାରା ଜିଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟିହେବ ବୋଲି ବିଭିନ୍ନ ସଭାସମିତିରେ ବିଧାୟକ, ମନ୍ତ୍ରୀ, ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ କେବଳ ଭାଷଣବାଜି ଚାଲିଥିଲା। ୨୦୨୪ ପୂର୍ବରୁ ଯେତେଥର ନିଯୁକ୍ତି ମେଳା ହୋଇଛି, ସେଥିରୁ କୌଣସି ମେଳାରେ ବୃହତ୍ ଶିଳ୍ପାନୁଷ୍ଠାନ ଓ ଖଣି ପ୍ରତିନିଧିମାନେ ଅଂଶଗ୍ରହଣ କରୁ ନ ଥିଲେ। ଫଳରେ ଆଶାୟୀ ଛାତ୍ରୀଛାତ୍ରମାନେ ନିରାଶ ହୋଇ ଫେରିଯାଉଥିଲେ। ଏବେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବହୁ କମ୍ପାନୀ କାରଖାନା ପ୍ରତିଷ୍ଠା କରିବାକୁ ପାଦ ଥାପିଛନ୍ତି। କିନ୍ତୁ ସ୍ଥାନୀୟ ଚାକିରି ତ ଦୂରର କଥା, ଅସ୍ଥାୟୀ ଠିକା ସଂସ୍ଥାରେ ବି ଠିକ ଭାବେ ନିଯୁକ୍ତି ମିଳୁନାହିଁ। ଅଭିଜ୍ଞତାକୁ ଆଳକରି ଶିକ୍ଷିତ ଯୁବତୀଯୁବକଙ୍କୁ ବଡ଼ ବଡ଼ ଶିଳ୍ପ କମ୍ପାନୀ ଉପେକ୍ଷା କରି ଚାଲିଛନ୍ତି। ଏଠାରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ବାହାର ରାଜ୍ୟର ଲୋକଙ୍କୁ ଅଧିକ ନିଯୁକ୍ତି ମିଳୁଛି। ସେହିପରି ବାହାର ରାଜ୍ୟର ଠିକାସଂସ୍ଥାଗୁଡ଼ିକୁ ମଧ୍ୟ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ହେଲେ ସ୍ଥାନୀୟ ବାସିନ୍ଦା ଜମିବାଡ଼ି, ଘରଦ୍ୱାରା ହରାଇ କେବଳ ଧୂଳିଧୂଆଁ ଖାଇ ବିଭିନ୍ନ ରୋଗରେ ପ୍ରାଣ ହରାଉଛନ୍ତି। ଇଁ ଭାଁ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସ୍ଥାନୀୟ ନିଯୁକ୍ତିକୁ ନେଇ ଦାବି, ଆନ୍ଦୋଳନ ହେଉଥିଲେ ହେଁ ଲୋକ ପ୍ରତିନିଧିମାନେ କିନ୍ତୁ ନୀରବ ରହୁଛନ୍ତି। ବିଡ଼ମ୍ବନା ଯେ, ବିରୋଧୀ ଦଳ ଭୂମିକା ନେଉଥିବା ନେତାମାନେ ମଧ୍ୟ କମ୍ପାନୀ ପାଖରେ ବିକ୍ରି ହୋଇଯାଇଥିବା ମନେହେଉଛି। ତେଣୁ ପ୍ରଶାସନର ନିଯୁକ୍ତି ମେଳାକୁ ବି ଶିଳ୍ପକମ୍ପାନୀଗୁଡ଼ିକ ଅଣଦେଖା କରି ଆସୁଛନ୍ତି। କିନ୍ତୁ ଦୀର୍ଘଦିନର ଅପେକ୍ଷା ପରେ ଉପରୋକ୍ତ କେତେକ ବୃହତ କମ୍ପାନୀ ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଛନ୍ତି। ତେବେ ସେମାନଙ୍କ ଦ୍ୱାରା ନିଯୁକ୍ତି ପାଇଁ ଚୟନ ଛାତ୍ରୀଛାତ୍ରମାନେ କେତେଦୂର ସଫଳ ହୋଇ ସ୍ଥାୟୀ ନିଯୁକ୍ତି ପାଉଛନ୍ତି ତାହା ସମୟ ହିଁ କହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।


ନିଯୁକ୍ତିମେଳାରେ ସାମିଲ ହୋଇଥିବା ଯୁବତୀଯୁବକ ନାମ ପଞ୍ଜୀକରଣ କରୁଛନ୍ତି।

# ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା, ପ୍ରଶିକ୍ଷଣ ଶିବିର


ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ।

ଯାଜପୁର ସଦର/ଯାଜପୁର ଟାଉନ, ୨୭।୨
(ସମର ବିଜୟ ଶରଣ/ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

୨୦୨୭ ଜନଗଣନା କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବାକୁ ଯାଜପୁର ଜିଲାରେ ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାପରିଷଦ ସମ୍ମିଳନୀ କକ୍ଷରେ ସହକାରୀ ଜନଗଣନା ଅଧିକାରୀ ତଥା ସହକାରୀ ଜିଲାପାଳ ନିବେଦିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ଯାଜପୁର ଜିଲାର ଭାରପ୍ରାପ୍ତ ଭାବେ ଉପେନ୍ଦ୍ର କୁମାର ନାୟକ, ପରିସଂଖ୍ୟାନ ଅନୁସନ୍ଧାନକାରୀ, ଗ୍ରେଡ-୧ ଭାବେ ଅର୍ଚ୍ଚନା ରାଉତ ଏବଂ ପରିସଂଖ୍ୟାନ ଅନୁସନ୍ଧାନକାରୀ, ଗ୍ରେଡ-୨ ଭାବେ ସସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲାର ଭାରପ୍ରାପ୍ତ ଅଧିକାରୀ ନାୟକ କହିଛନ୍ତ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷରେ ଦେଶରେ ଜନଗଣନା କରାଯାଇଥାଏ। ଶେଷ ଜନ ଗଣନା ୨୦୧୧ରେ ହୋଇଥିଲା। କୋଭିଡ ମହାମାରୀ କାରଣରୁ ୨୦୨୧ରେ ଏହା ହୋଇ ପାରି ନ ଥିଲା। ତେଣୁ ଏଥର ୨୦୨୭ରେ ୨ଟି ପର୍ଯ୍ୟାୟରେ ଜନଗଣନା ହେବ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୬ ରୁ ମେ ୧୫ ଗୃହ ତାଲିକା ଓ ଗୃହ ଗଣନା କରାଯିବ। ନାଗରିକମାନେ ସେନସସ୍ ପୋର୍ଟାଲ୍‌ରେ ଲଗ୍‌ଇନ୍ କରି ଆତ୍ମ ଗଣନା କରିପାରିବେ। ଯାହା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହାପରେ ଅଧିକାରୀମାନେ ମୋବାଇଲ୍ ଆପ ଜରିଆରେ ଘରେ ଘରେ ଯାଇ ତଥ୍ୟ ସଂଗ୍ରହ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀ ୯ ରୁ ୨୮ ଯାଏ ଜନଗଣନା ହେବ। ମାର୍ଚ୍ଚ ୧ରୁ ୫ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ। ବର୍ତ୍ତମାନ ଗୃହ ଗଣନା ପାଇଁ ତାଲିକା ବ୍ଲକ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଜନଗଣନା ପ୍ରଥମ ଥର ପାଇଁ ଡିଜିଟାଲ ହେବାରୁ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସେଲ୍ଫ ଏନ୍ୟୁମରେଶନ, ସଧାରଣଜନତାଙ୍କ ସୁବିଧା ପାଇଁ ନାଗରିକମାନେ ନିଜର ତଥ୍ୟ ପ୍ରଦାନ କରିପାରିବେ। ଏହା ବ୍ୟତୀତ ମୋବାଇଲ୍ ଆପ୍ଲିକେଶନରେ ମଧ୍ୟ ଜନଗଣନା ନିଜେ ନିଜ ସମ୍ପୂର୍ଣ୍ଣ ତଥ୍ୟ ଦେଇ ପାରିବେ। ଏଥିରେ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନର, ତହସିଲ ସ୍ତରୀୟଙ୍କୁ କ୍ଷେତ୍ରୀୟ ଟ୍ରେନର ଏବଂ ଶିକ୍ଷକମାନଙ୍କୁ ଗଣନାକାରୀ ଓ ସୁପରଭାଇଜର ଭାବେ ନିୟୋଜିତ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି। ବୈଠକରେ ଯାଜପୁରର ସମସ୍ତ ତହସିଲଦାର, ନିର୍ବାହୀ ଅଧିକାରୀ, ଜିଲା ସୂଚନା ବିଜ୍ଞାନ ଅଧିକାରୀ ସଞ୍ଜିତ କୁମାର ନାୟକ, ଜିଲାପାଳଙ୍କ କାର୍ଯ୍ୟାଳୟରୁ ସାଧାରଣ ଓ ବିବିଧ ବିଭାଗରୁ ଜନଗଣନା ବିଭାଗର ଦାୟିତ୍ୱରେ ଥିବା କନିଷ୍ଠ ରାଜସ୍ୱ ସହାୟକ ବିକାଶ ଦୀପ ତରାଇ, ଧନଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଭୂତଳ କ୍ରୋମାଇଟ ଖଣିରେ ଅଗ୍ନିକାଣ୍ଡ, ଜଳିଗଲା ଡମ୍ପର

## ଦୁର୍ଘଟଣାରୁ ବର୍ତ୍ତିଲେ କର୍ମଚାରୀ, ଶ୍ରମିକ

କାଳିଆପାଣି, ୨୭।୨ (ଅସିତ ମହାନ୍ତ)

ଯାଜପୁର ଜିଲା ମହାଗିର ଭୂତଳ କ୍ରୋମାଇଟ ଖଣିରେ ଅଗ୍ନିକାଣ୍ଡରେ ଡମ୍ପର୍‌ରେ ନିଆଁ ଲାଗି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଅଳ୍ପକେ ଡ୍ରାଇଭର ବର୍ତ୍ତି ଯାଇଛନ୍ତି। ଭୂତଳ ଖଣିରୁ କ୍ରୋମାଇଟ ନେଇ ବାହାରକୁ ଆସୁଥିବା ବେଳେ ଅଗ୍ନିକାଣ୍ଡ ଘଟିଥିବାରୁ ରାସ୍ତା ଜାମ ହୋଇଯାଇଥିଲା। ଏହାଦ୍ୱାରା ଖଣି ଭିତରେ ଥିବା ଶତାଧିକ ଶ୍ରମିକ ଓ କର୍ମଚାରୀଙ୍କ ଜୀବନ ଏକ ବୃହତ ଦୁର୍ଘଟଣାରୁ ଅଳ୍ପକେ ବଞ୍ଚିଯାଇଛି। ଖବର ଅନୁଯାୟୀ, କାଳିଆପାଣିଠାରେ ଇମ୍ଫା ଦ୍ୱାରା ପରିଚାଳିତ ମହାଗିର ଭୂତଳ ଖଣିରେ ଶୁକ୍ରବାର ୧୧ଟାରେ ଏକ କ୍ରୋମାଇଟ ବୋଝେଇ ଥିବା ଏକ ଯାନ ଡମ୍ପର(ଏଲଜିଡି)ରେ ଅଚାନକ ନିଆଁ ଲାଗିଯାଇଥିଲା। ଡ୍ରାଇଭର ପ୍ରାଥମିକ ଭାବେ ଗାଡିରୁ ଓହ୍ଲାଇ ପଡ଼ିଥିବା ବେଳେ ଭୂତଳ ଖଣିରେ କାର୍ଯ୍ୟ କରୁଥିବା ୧୫୦ ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଜୀବନ ରକ୍ଷା ନିମନ୍ତେ ଚିତ୍କାର କରିଥିଲେ। କିଛି ସମୟ ପରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନେ ଅନ୍ୟ ଉପାୟ ନ ପାଇ ଭିତତ୍ରସ୍ତ ଭାବେ ଦୌଡ଼ା ଦୌଡ଼ି କରିଥିଲେ। ଖଣିରୁ ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଏ ନେଇ ଖଣିର ବରିଷ୍ଠ ପରିଚାଳକ ସନ୍ଦୀପ ବି. ନାରଡେଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ଶୁଖୁଆପଡା ପାହାଡରେ ବେଆଇନ ଖନନ | ୨ ହାଇୱା, ପୋକଲିନ ଜବତ



ଚଣ୍ଡିଖୋଲ, ୨୭।୨ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବନ୍ଦରେଶ୍ୱର ନିକଟ ଶୁଖୁଆପଡ଼ା ପାହାଡ଼ରୁ ବେଆଇନ ଖନନ ସମୟରେ ବାଲିଚନ୍ଦ୍ରପୁର ଥାନା ପୋଲିସ ଚଢ଼ାଉ କରି ଗୁରୁବାର ୨ ହାଇୱା ସମେତ ଗୋଟିଏ ପୋକ୍‌ଲିନ ଜବତ କରିଛି। ଗତ ୮ ଦିନ ହେବ ଏହି ପାହାଡ଼ରେ ରାତି ୧୦ଟାରୁ ଭୋର୍ ୪ଟା ପର୍ଯ୍ୟନ୍ତ କେତେଜଣ ବ୍ୟକ୍ତି ମେଶିନ ପକାଇ ମୋରମ ଚୋରି କରୁଥିଲେ। ଏହା ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ପାହାଡ଼। ଏହାର କୌଣସି ଅଂଶ ଖନନ କରାଯାଇପାରିବ ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପାହାଡ଼ର କୌଣସି ଅଂଶକୁ ନିଲାମ ଦିଆଯାଇପାରିବ ନାହିଁ। ସେଥିପାଇଁ କେତେଜଣ ବ୍ୟକ୍ତି ବିଳମ୍ବିତ ରାତିରେ ମେଶିନ ଲଗାଇ ମୋରମ ଲୁଟ୍ କରୁଥିଲେ। ଗୁରୁବାର ରାତି ୨ଟାରେ ଆଇଆଇସି ଦିଲୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଆଇ ଚିନ୍ମୟ ପୃଷ୍ଟି, ଏସ୍‌ଆଇ ଲକ୍ଷ୍ମଣ ହେମ୍ବ୍ରମ୍ ଓ ଥାନାର ଅନ୍ୟ କର୍ମଚାରୀ ପାହାଡ଼ରେ ଚଢ଼ାଉ କରିଥିଲେ। ଏହି ସମୟରେ ଉପସ୍ଥିତ ବ୍ୟକ୍ତି ଘଟଣାସ୍ଥଳ ଛାଡ଼ି ପଳାଇ ଯାଇଥିଲେ। ଜବତ ଗାଡ଼ିକୁ ଖଣି ବିଭାଗକୁ ଦିଆଯିବ ବୋଲି ଆଇଆଇସି ମହାନ୍ତି କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମିଷ୍ଟି


@ କିରଣ


@ ଶିବାନୀ


@ ରାଧେଶ୍ୟାମ


@ ସଚିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିବାହର ପ୍ରତିଶ୍ରୁତି ଦେଇ ସନ୍ନ୍ୟାସୀଙ୍କ ଯୌନ ଶୋଷଣ

## ଥାନାରୁ ନ୍ୟାୟ ନ ପାଇ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା

ପାଣିକୋଇଲି, ୨୭।୨ (ବିକାଶ ଚନ୍ଦ୍ର ମଲ୍ଲିକ)

ଜଣେ ଭଣ୍ଡ ସନ୍ନ୍ୟାସୀ ନିଜର ଯୌନ ଆକାଂକ୍ଷା ଚରିତାର୍ଥ କରିବା ଲାଗି ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କୁ ଶୋଷଣ କରିଛନ୍ତି। ଅପରପକ୍ଷେ ପ୍ରତାରିତ ହୋଇ ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ପୋଲିସ ଉକ୍ତ ସନ୍ନ୍ୟାସୀଙ୍କୁ ଗିରଫ କରୁନାହିଁ। ଫଳରେ ସନ୍ନ୍ୟାସୀ ଜଣକ ପୀଡ଼ିତାଙ୍କୁ ଜୀବନରୁ ମାରିଦେବାର ଧମକ ଦେବା ସହିତ ତାଙ୍କର ଶାରୀରିକ ସମ୍ପର୍କର ଭିଡିଓଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଛନ୍ତି। ଫଳରେ ମହିଳା ଜଣକ ସବୁ ଆଡୁ ନିରାଶ ହେବା ପରେ ଯାଜପୁର ଏସ୍‌ପିଙ୍କୁ ଭେଟି ନିଜ ଜୀବନର ସୁରକ୍ଷା ସହ ଭଣ୍ଡ ସନ୍ନ୍ୟାସୀଙ୍କୁ ଗିରଫ କରିବା ଲାଗି ଶୁକ୍ରବାର ଆକୁଳ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ବିବାହ ବିଚ୍ଛେଦ ପରେ ସାଂସାରିକ ଜୀବନରୁ ବିମୁଖ ହୋଇ ସନ୍ନ୍ୟାସିନୀ ହେବା ସହ ଜଣେ ଯୋଗ ପ୍ରଶିକ୍ଷିକା ଭାବେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିଲେ। ସନ୍ନ୍ୟାସ ଧର୍ମ ଗ୍ରହଣ କରିବା ପରେ ଭଣ୍ଡ ସନ୍ନ୍ୟାସୀ ସ୍ୱାମୀ ବେଦଶ୍ରାବା ଓରଫ ବୈକୁଣ୍ଠ ସାହୁଙ୍କୁ ଗୁରୁ ବୋଲି ଭାବି ତାଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ। କିନ୍ତୁ ସନ୍ନ୍ୟାସୀ ବୈକୁଣ୍ଠ ୨୦୨୫ ନଭେମ୍ବର ୧୧ରେ ମହିଳା ଜଣକ ନିଜ ବାସଗୃହରେ ଏକାକୀ ଥିବା ସମୟରେ ଆଧ୍ୟାତ୍ମିକ ପୁସ୍ତକ ଦେଖିବା ବାହାନାରେ ତାଙ୍କୁ ଜୋର ଜବରଦସ୍ତ ବଳାତ୍କାର କଲେ। ମହିଳା ଜଣ ଏହାର ବିରୋଧ କରିବାରୁ ସନ୍ନ୍ୟାସୀ ବୈକୁଣ୍ଠ ତାଙ୍କୁ ବିବାହର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତେବେ କୌଶଳକ୍ରମେ ଉକ୍ତ ସନ୍ନ୍ୟାସୀ ବୈକୁଣ୍ଠ ଶାରୀରିକ ସମ୍ପର୍କର ଭିଡିଓଗୁଡ଼ିକୁ ନିଜ ମୋବାଇଲରେ ଶୁଟିଂ କରି ନେଇଥିଲେ। ପୁଣିଥରେ ୨୦୨୬ ଜାନୁଆରୀ ୧୭ ଓ ୧୮ ତାରିଖରେ ମହିଳାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ମହିଳା ଜଣକ ବିବାହ ଲାଗି ଜିଦ ଧରିବାରୁ ସେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଦେଇଥିଲେ। ଯଦି ପୋଲିସରେ ଅଭିଯୋଗ କର ତେବେ ହତ୍ୟାକରି ଫିଙ୍ଗିଦେବି ବୋଲି ଧମକ ଦେଇଥିଲେ। ତେବେ ମହିଳା ଜଣକ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୫/୨୬ରେ ମାମଲା ରୁଜୁ କରି ଚୁପ ହୋଇ ବସିଛି। ଅଭିଯୋଗ କରିବାର ୧୫ ଦିନ ବିତିଗଲାଣି କିନ୍ତୁ ଅଭିଯୁକ୍ତଙ୍କୁ ପୋଲିସ ଧରି ପାରିନାହିଁ। ଏ ନେଇ ମହିଳା ଜଣକ ଭୟଭୀତ ଅବସ୍ଥାରେ ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲଙ୍କୁ ଶୁକ୍ରବାର ଭେଟି ନିଜ ଜୀବନର ସୁରକ୍ଷା ସହିତ ଭଣ୍ଡ ସନ୍ନ୍ୟାସୀ ବୈକୁଣ୍ଠଙ୍କୁ ଗିରଫ କରିବା ଲାଗି ଆକୁଳ ନିବେଦନ କରିଛନ୍ତି। ତେବେ ଉକ୍ତ ଘଟଣାକୁ ଗମ୍ଭୀରତାର ସହିତ ନେଇ ଡିଏସପିସ୍ତରୀୟ ତଦନ୍ତ କରାଇବା ସହିତ ଉକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସପି ପ୍ରତିଶ୍ରୁତି ଦେଇଛନ୍ତି।

# କାରଖାନା ଜମି ଅଧିଗ୍ରହଣ ନେଇ ପ୍ରଶାସନ, ଗ୍ରାମବାସୀ ମୁହାଁମୁହିଁ

କଳିଙ୍ଗନଗର, ୨୭।୨ (ଶୁଭାଶିଷ ରାଉତ)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ମନୋହରପୁର ଅଞ୍ଚଳରେ ପ୍ରାୟ ୫୧ ଏକର ଜମି ବ୍ରାଇଟ ପ୍ରୋଜେକ୍ଟ ନାମରେ ନୂତନ ଏକ କାରଖାନା ପାଇଁ ଶୁକ୍ରବାର ଜମି ସୀମା ନିର୍ଦ୍ଧାରଣ (ଡିମାର୍କେଶନ) ଚାଲିଥିଲା। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଛି। ସୂଚନା ମୁତାବକ, ଦାନଗଦି ତହସିଲ ପ୍ରଶାସନ ପକ୍ଷରୁ ଜମି ମାପଚୁପ କାମ ଚାଲିଥିବା ସମୟରେ ସ୍ଥାନୀୟ ପଙ୍କପାଳ ପଞ୍ଚାୟତ ମନୋହରପୁର ଗ୍ରାମର ନୂଆସାହି ବାସିନ୍ଦା ଏହାକୁ ତୀବ୍ର ବିରୋଧ କରିଥିଲେ। ଜମି ମାପଚୁପକୁ ବିରୋଧ କରି ସ୍ଥାନୀୟ ଲୋକେ ବିଜୁ ପଟ୍ଟନାୟକ ମାର୍ଗରେ ଟାୟାର ଜାଳି ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁପ୍ରସନ୍ନ ମାଲିକ, ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲି, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ ଓ ଯଖପୁରା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁଙ୍କ ସମେତ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନ ପୂର୍ବରୁ ନିର୍ଦ୍ଧାରିତ କାରଖାନା ପାଇଁ ଜମିର ସୀମା ଚିହ୍ନଟ କାର୍ଯ୍ୟ କରୁଥିବା ବେଳେ ଗ୍ରାମବାସୀ କହିଛନ୍ତି କି ଆମେ ପାଠ ପଢି ଜାଣିନୁ ଆମ ଜମି ବିକ୍ରି ହୋଇନାହିଁ ବରଂ ମାସିକ ଭଡା ଦିଆଯିବ କହି ଆମଠାରୁ ଚଞ୍ଚକତା କରାଯାଇ ଉକ୍ତ ଜମିକୁ ନିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଆହୁରି ଅଭିଯୋଗ କରିଛନ୍ତି, ପ୍ରଶାସନ ଆମର ଦାବି କର୍ଣ୍ଣପାତ ନ କରି ପୂର୍ବରୁ ସୂଚନା ନ ଦେଇ ଜମି ଅଧିଗ୍ରହଣ ପାଇଁ ମାପଚୁପ ଆରମ୍ଭ କରୁଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ବେହେରା ଦଳେଇ, ଚୌଧୁରୀ ପାଇକ, ଅକ୍ଷୟ ବେହେରା, ରବୀନ୍ଦ୍ର ବେହେରା, ସୂର୍ଯ୍ୟକାନ୍ତ ଦଳେଇ, ଶୁଭକାନ୍ତ ଦଳେଇ ଓ ଶିଶିର ଦଳେଇ ପ୍ରମୁଖଙ୍କୁ ଅଟକ ରଖିଛି। ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ତେବେ ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବାକୁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି। ବର୍ତ୍ତମାନ ଅଞ୍ଚଳରେ ଚାପା ଉତ୍ତେଜନା ରହିଥିବା ବେଳେ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିବା ସୂଚନା ମିଳିଛି।


ଗ୍ରାମବାସୀ ଜମି ଅଧିଗ୍ରହଣକୁ ବିରୋଧ କରି ରାସ୍ତାରେ ଟାୟାର ଜାଳି ଅବରୋଧ କରିଛନ୍ତି।

# କୁଜଙ୍ଗକୁ ଏନ୍‌ଏସି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ସଚେତନ ନାଗରିକ ମଞ୍ଚ

### ମାର୍ଚ୍ଚ ୧୭ରେ କୁଜଙ୍ଗ ବନ୍ଦ ଡାକରା

ଜଗତ୍‌ସିଂହପୁର, ୨୭।୨
ପ୍ରମୋଦ କୁମାର ନାୟକ)

କୁଜଙ୍ଗକୁ ଏନ୍‌ଏସି ଦାବିକରି କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ ସ୍ଥାନୀୟ ଟାଉନ ହଲ ନିକଟରୁ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ଭାଜପା ସରକାର ବିରୋଧରେ ନାରାବାଜି କରିଥିଲେ। କୁଜଙ୍ଗକୁ ତୁରନ୍ତ ଏନ୍‌ଏସି ଘୋଷଣା କରା ନ ଗଲେ ଆସନ୍ତା ମାର୍ଚ୍ଚ ୧୭ ତାରିଖରେ କୁଜଙ୍ଗ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଦାବି ତୁରନ୍ତ ରାଜ୍ୟ ସରକାରଙ୍କ ଅବଗତ ନିମନ୍ତେ ପ୍ରେରଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ବିକ୍ଷୋଭକାରୀମାନେ କହିଥିଲେ, ନବୀନ ସରକାର ସମୟରେ କୁଜଙ୍ଗକୁ ଏନ୍‌ଏସି ଘୋଷଣା ହୋଇଥିଲା। କିନ୍ତୁ ତା’ପରେ ଏହି ଘୋଷଣା କାର୍ଯ୍ୟକାରୀ ହୋଇ ନ ଥିଲା। ବିଜେଡି ସରକାର ପତନ ପରେ ମୋହନ ମାଝୀ ସରକାର ଯେଉଁ ନୂଆ ଏନ୍‌ଏସି ଘୋଷଣା କରିଛନ୍ତି, ସେହି ତାଲିକାରେ କୁଜଙ୍ଗର ନାଁ ନ ଥିବା କୁଜଙ୍ଗବାସୀଙ୍କୁ ଦୁଃଖ ଦେଇଛି। ପୂର୍ବରୁ ଏକାଧିକବାର ବର୍ତ୍ତମାନର ସରକାରଙ୍କୁ ଦାବିପତ୍ର ଦିଆଯାଇଛି। ଏପରି କି କୁଜଙ୍ଗ ବନ୍ଦ ଡାକରା ଦିଆଯାଇଥିବା ବେଳେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ସର୍କିଟ ହାଉସରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ୩ ମାସ ଭିତରେ ଏନ୍‌ଏସି ଘୋଷଣା ହେବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହି ଆଧାରରେ ମନ୍ତ୍ରୀଙ୍କ ଉଦ୍ୟମରେ କୁଜଙ୍ଗ ଏନ୍‌ଏସି ପାଇଁ ସମସ୍ତ କାଗଜପତ୍ର କୁଜଙ୍ଗ ପ୍ରଶାସନ ପ୍ରସ୍ତୁତ କରି ଜିଲା ପ୍ରଶାସନକୁ ହସ୍ତାନ୍ତର କରିଥିଲା। ଏଥିମଧ୍ୟରେ ୫ ମାସ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ଦାବି ପୂରଣ ହେଲାନାହିଁ। ଏନେଇ ଅସନ୍ତୋଷ ବଢ଼ିଚାଲିଛି। ବିକ୍ଷୋଭ ସ୍ଥଳରେ ଭାଜପା ଜିଲା ଉପସଭାପତି ଦୀପ୍ତିରେଖା ନାୟକ ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରିବା ନିଆରା ପରିବେଶ ସୃଷ୍ଟି କରିଥିଲା। ତାଙ୍କ ଘର କୁଜଙ୍ଗ ଅଞ୍ଚଳରେ ହୋଇଥିବାରୁ ସେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ଲୋକମାନଙ୍କ ଦୁଃଖ ଜଣେଇବେ ବୋଲି କହିଛନ୍ତି। ମଞ୍ଚ ସଭାପତି ରଘୁନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ମଞ୍ଚ ଉପଦେଷ୍ଟା କବି ପୀତାମ୍ବର ତରାଇ, ସଂଗ୍ରାମୀ ତଥା ବରିଷ୍ଠ ଆଡ୍‌ଭୋକେଟ ବାସୁଦେବ, ବାବୁରାମ ଚୌଧୁରୀ, ଦେବୀ ପ୍ରସାଦ ଓ ସୁବାସ ମହାପାତ୍ରଙ୍କ ସମେତ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ। ଶେଷରେ ବିଜୟ ଖଟେଇ ଧନ୍ୟବାଦ ଦେଇଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

## ୨ ଯୁବକଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼



ପାରାଦୀପ,୨୭।୨(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଅଠରବାଙ୍କି ଲକ୍‌ପଡାଠାରେ ଶୁକ୍ରବାର ୨ ଜଣ ଯୁବକଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ଦିଆଯାଇଛି। ଯୁବକ ଦ୍ୱୟ ଗୁରୁବାର ରାତିରେ ପ୍ରାୟ ୮ରୁ ୧୦ ଜଣଙ୍କ ଘରୁ ମୋବାଇଲ ଚୋରି କରିଥିବାବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଥିବା ଅଭିଯୋଗ ହୋଇଛି। ଉତ୍ୟକ୍ତ ଲୋକ ଅଭିଯୁକ୍ତ ଦ୍ୱୟଙ୍କୁ ଗଛରେ ବାନ୍ଧି ମାଡ଼ ମାରି ମୋବାଇଲ ନେଇଯାଇଥିଲେ। ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି।

# ପ୍ରକାଶଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

## ବାଲିକୁଦା ମୁରୁଣିଆ ଗ୍ରାମର ବିବେକ ହତ୍ୟା ମାମଲା

### ସାବୁନି ଫେରାର, ଗଜେନ୍ଦ୍ର ନିର୍ଦ୍ଦୋଷ

ଜଗତ୍‌ସିଂହପୁର, ୨୭।୨
(ପ୍ରମୋଦ କୁମାର ନାୟକ)

ବାଲିକୁଦା ଥାନା ରାହାଣ ମୁରୁଣିଆ ଗ୍ରାମରେ ୨୦୧୮ରେ ଘଟିଥିବା ବିବେକ ରାଉତ ହତ୍ୟାକାଣ୍ଡର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅଭିଯୁକ୍ତ ତଥା ଏହି ଗ୍ରାମର ପ୍ରକାଶ ଖଟୁଆଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଗଜେନ୍ଦ୍ର ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବାବେଳେ ତାଙ୍କ ଅନ୍ୟତମ ପୁଅ ସାବୁନି ଫେରାର ଅଛନ୍ତି।

ଏ ସମ୍ପର୍କରେ ଭାରପ୍ରାପ୍ତ ପିପି ତପନ କୁମାର ପାଲ ସୂଚନା ଦେଇଛନ୍ତି, ୨୦୧୮ ଜାନୁଆରୀ ୧୬ରେ ମୃତ ବିବେକଙ୍କ ଭଣଜା ତଥା ଏହି ଥାନା ଅନ୍ତର୍ଗତ ରାହାଣ ବଳଭଦ୍ରପୁର ଗ୍ରାମର ବାବୁଲି ସ୍ୱାଇଁ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଥିଲେ, ୨୦୧୮ ଜାନୁଆରୀ ୧୫ ରାତି ପ୍ରାୟ ୯ଟା ବେଳେ ଏହି ଅଭାବନୀୟ ଘଟଣା ଘଟିଥିଲା। ସେ ମୁରୁଣିଆ ଗ୍ରାମରେ ମାମୁ ବିବେକଙ୍କ ସହ ଠିଆ ହୋଇଥିବାବେଳେ ଗଜେନ୍ଦ୍ର, ତାଙ୍କ ଦୁଇ ପୁଅ ଯଥା ପ୍ରକାଶ ଓ ସାବୁନି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ବିବେକଙ୍କୁ ଗଜେନ୍ଦ୍ର ଓ ସାବୁନି ଧରିଥିବାବେଳେ ପ୍ରକାଶ ଛୁରିରେ ଆକ୍ରମଣ କରି ଚାଲିଥିଲେ। ଏନେଇ ବାବୁଲି ଚିତ୍କାର କରି ଗ୍ରାମବାସୀଙ୍କୁ ଡାକିବାରୁ ଲୋକେ ରୁଣ୍ଡ ହୋଇଯାଇଥିଲେ। ଏହାଦେଖି ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ତା’ପରେ ବିବେକଙ୍କୁ ତତ୍କାଳ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜଗତ୍‌ସିଂହପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବିବେକଙ୍କ ମୃତ୍ୟୁ ଘଟିଥିଲା। ବାବୁଲିଙ୍କ ଅଭିଯୋଗ ଆଧାରରେ ବାଲିକୁଦା ଥାନାରେ ମାମଲା (ନଂ. ୬/୧୮) ରୁଜୁ ହୋଇଥିଲା। ଏହି ମାମଲାରେ ମୋଟ ୨୧ ଜଣ ସାକ୍ଷୀ ଓ ୧୭ଟି ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଶ୍ରୀଜଗନ୍ନାଥ ନବନିର୍ମିତ ଭବ୍ୟମନ୍ଦିର ଦଧିନଉତି ପ୍ରତିଷ୍ଠା ଉତ୍ସବ



ମାର୍ଶାଘାଇ,୨୭।୨
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଗରଜଙ୍ଗା ପଞ୍ଚାୟତ ବଡ଼ପାଳଛକରେ କୋଟି ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବନିର୍ମିତ ଭବ୍ୟମନ୍ଦିର ଦଧିନଉତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ଗରଜଙ୍ଗା ଦେବସ୍ଥାନମ୍ ଚାରିଟେବୁଲ ଟ୍ରଷ୍ଟ, ଗରଜଙ୍ଗା ପଞ୍ଚାୟତବାସୀ ଓ ମାର୍ଶାଘାଇ ଅଞ୍ଚଳବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛ। ପଣ୍ଡିତ ମାନସ ରଞ୍ଜନ ଷଡ଼ଙ୍ଗୀଙ୍କ ପୌରହିତରେ କଳସାଧିବାସ, ସୂର୍ଯ୍ୟପୂଜନ, ଅଗ୍ନିସ୍ଥାପନ ସହିତ ଦଧିନଉତିରେ ଭକ୍ତମାନଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ଧଳାଧାନ,ସୁନା, ରୁପା, ମୁଦ୍ରା, ପଞ୍ଚଧାତୁ ଅର୍ପଣ କରାଯାଇଛି । ଦଧିନଉତି ପ୍ରତିଷ୍ଠା ଉତ୍ସବରେ ହୋମଯଜ୍ଞ ପୂର୍ଣ୍ଣାହୁତି ସହ ଦଧିନଉତି କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଛି । ଏହି ଅବସରେ ୨ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ଗରଜଙ୍ଗା ଦେବସ୍ଥାନମ୍ ଚାରିଟେବୁଲ ଟ୍ରଷ୍ଟ ସଭାପତି ରୀନାବାଳା ବେହେରା,ସମ୍ପାଦକ ଅରଣ କୁମାର ନାୟକ, କୋଷାଧ୍ୟକ୍ଷ ଦିପ୍ତୀ ରଞ୍ଜନ ଲେଙ୍କା,ରଶ୍ମିରଞ୍ଜନ ମହାପାତ୍ର, ବିପୁଲ କୁମାର ନାୟକ, ଟ୍ରଷ୍ଟ ସଭ୍ୟ ସରୋଜ କାନ୍ତ ପଣ୍ଡା, ଅଞ୍ଜନା ବେହେରା, ମୁରଲୀଧର ପଣ୍ଡା, ଜଗନ୍ନାଥ କମିଟି ସଦସ୍ୟ ତାପସ ଷଡଙ୍ଗୀ, ତୋଫାନ ଶର୍ମା, ଶଶୀକାନ୍ତ ମଲ୍ଲ, ସୁକାନ୍ତ ମଲ୍ଲ, ଚିତ୍ତରଞ୍ଜନ ସ୍ୱାଇଁ, ରଞ୍ଜିତ ସାହୁ, ସମୀର ପରିଡ଼ା ଓ ଅଶୋକ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତରହି ସହଯୋଗ କରିଥିଲେ।

## ଇଟାଭାଟି ଉଚ୍ଛେଦ କାର୍ଯ୍ୟରେ ବାଧା ଘଟଣା: ୧୦ଜଣଙ୍କ ନାମରେ ମାମଲା

କୁଜଙ୍ଗ , ୨୭।୨(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ତଥା ଏରସମା ତହସିଲ ପାରପରା ମୌଜାର ଖାତା ନଂ. ୧୫୮ ଓ ପ୍ଲଟ ନଂ. ୨୧୦ରେ ଥିବା ୪ ଏକର ୬ ଡିସିମିଲ ସରକାରୀ ଜମିରେ ବେଆଇନ୍ ଭାବେ ଚାଲିଥିବା ଇଟାଭାଟିକୁ ଗୁରୁବାର ଏରସମା ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦବେଳେ ଗ୍ରାମର କେତେଜଣ ଲୋକ ବିରୋଧ କରି ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା କୁଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ୧୦ ଜଣଙ୍କ ନାମରେ ମାମଲା(୬୦/୨୬) ରୁଜୁ ହୋଇଛି। ସେମାନେ ହେଲେ ପାରପରା ଗ୍ରାମର ସର୍ବେଶ୍ୱର ସ୍ୱାଇଁ, ଗୁରୁ ଚରଣ ମହାନ୍ତି, ବାମଦେବ ମଲ୍ଲ, ଲିପୁ ମଲ୍ଲ, ମୁନା ଦାସ, ଈଶ୍ୱର କାଣ୍ଡି, କ୍ଷୀର ଦାସ, ସୁବାସ ସ୍ୱାଇଁ, ଜଗବନ୍ଧୁ ସ୍ୱାଇଁ ଓ ମାଣପୁର ଗ୍ରାମର ରଞ୍ଜନ ରାଉତ।

# ପୁନଙ୍ଗ ଗ୍ରାମପଞ୍ଚାୟତ: ୧୨ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ


ବିଧାୟକ ଅମରେନ୍ଦ୍ର ଦାସ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ଜଗତ୍‌ସିଂହପୁର, ୨୭।୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ପୁନଙ୍ଗ ପଞ୍ଚାୟତରେ ଶୁକ୍ରବାର ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ୧୨ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ବଉଳପୁରସ୍ଥିତ ଭୋଗ ମଣ୍ଡପର ଶୁଭ ଉଦ୍‌ଘାଟନ, ମାଣପୁର ୧୪ ନଂ. ୱାର୍ଡରେ ଉଜ୍ଜ୍ୱଳ ଆଲୋକୀକରଣ ପ୍ରକଳ୍ପ ଲୋକାର୍ପିତ ହୋଇଥିବାବେଳେ ଅବଶିଷ୍ଟଗୁଡିକର ଶିଳାନ୍ୟାସ କରାଯାଇଥିଲା। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡିକ ହେଲା ରାମେଶ୍ୱର ଭୋଗ ମଣ୍ଡପ, ନରେନ୍ଦ୍ର ନାଥ ବିଦ୍ୟାପୀଠ ପିଏମ୍‌ଶ୍ରୀ ଭାଷା ପ୍ରୟୋଗଶାଳା, ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ଉପର ମହଲା, ରାଧାକାନ୍ତଜୀଉ ମଠ ଭୋଗ ମଣ୍ଡପ, ସିଦ୍ଧ ବାରଙ୍ଗ ହାଟ ପିଣ୍ଡି, ମୁସଲମାନ ସାହି ରାସ୍ତା, ସିଦ୍ଧ ବାରଙ୍ଗ ଶିକ୍ଷା ଓ ବୈଷୟିକ ଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସିଦ୍ଧ ବାରଙ୍ଗ ଶିକ୍ଷା ଓ ବୈଷୟିକ ଡିଗ୍ରୀ କଲେଜ ଉନ୍ନତୀକରଣ, ଜାତୀୟ କବି ବୀରକିଶୋର ପାର୍କ ଉନ୍ନତୀକରଣ, ଗଜି ବାବା ମଠ ଭୋଗ ମଣ୍ଡପ, ବଉଳପୁର ଅଙ୍ଗନୱାଡି ରାସ୍ତା। ଏଗୁଡ଼ିକ ବାବଦରେ ପାଖାପାଖି ୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା କୁହାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଡିଓଙ୍କ ସମେତ ସାରଦା ପ୍ରସାଦ ରଣା, ରଜନୀ ଚୌଧୁରୀ, ଭବାନୀ ଗୋସ୍ୱାମୀ, ଭଗବାନ ପଣ୍ଡା ଓ ଜ୍ୟୋତିଷ କାନୁନ୍‌ଗୋଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମିଷ୍ଟି


@ କିରଣ


@ ଶିବାନୀ


@ ରାଧେଶ୍ୟାମ


@ ସଚିକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରପଞ୍ଚଙ୍କ ପଦ ବୈଧ ଘୋଷଣାକଲେ ଅଦାଲତ

କୁଜଙ୍ଗ,୨୭।୨(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଗଦିଆରେ ୨୦୨୨ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଭୁଲ୍ ତଥ୍ୟ ପ୍ରଦାନ କରାଯାଇଥିବା ଦର୍ଶାଇ ନିର୍ବାଚିତ ସରପଞ୍ଚଙ୍କ ପଦ ଅବୈଧ ଘୋଷଣା କରିବାକୁ କୁଜଙ୍ଗ କନିଷ୍ଠ ଦେୱାନୀ ଅଦାଲତରେ ମୋକଦ୍ଦମା କରାଯାଇଥିଲା। ଏହି ମାମଲାର ବିଚାର କରି ଅଦାଲତ ନିର୍ବାଚିତ ସରପଞ୍ଚଙ୍କ ପଦବୀକୁ କାଏମ ରଖିଛନ୍ତି।

୨୦୨୨ ଫେବୃଆରୀରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଗଦିଆରେ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଏଥିରେ ସରପଞ୍ଚ ପଦବୀ ନିମନ୍ତେ ମଞ୍ଜୁଲତା ବେହେରା ଓ ଯମୁନା ସେଠୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉକ୍ତ ନିର୍ବାଚନରେ ମଞ୍ଜୁଲତା ବେହେରା ନିର୍ବାଚିତ ହୋଇ ସରପଞ୍ଚ ଭାବେ ଦାୟିତ୍ୱ ନେଇଥିଲେ। ମାତ୍ର ମଞ୍ଜୁଲତାଙ୍କ ୩ ସନ୍ତାନ ଥିବାରୁ ଆଇନ ଅନୁଯାୟୀ ତାଙ୍କ ପଦବୀକୁ ଅବୈଧ କରିବା ପାଇଁ ପରାଜିତ ପ୍ରାର୍ଥିନୀ ଯମୁନା ସେଠୀ କୁଜଙ୍ଗ କନିଷ୍ଠ ଦେୱାନୀ ଅଦାଲତରେ ନିର୍ବାଚନ ମିସ୍ କେସ୍ (ନଂ. ୫/୨୦୨୨) ରୁଜୁ କରିଥିଲେ। ପଞ୍ଚାୟତ ନିର୍ବାଚନ ଆଇନ ଅନୁଯାୟୀ ଯେଉଁମାନଙ୍କର ୧୯୯୫ ଏପ୍ରିଲ ୨୨ ତାରିଖ ପୂର୍ବରୁ ୩ ସନ୍ତାନ ଜନ୍ମ ହୋଇଥିବେ ସେମାନେ ପଞ୍ଚାୟତ ନିର୍ବାଚନରେ ଭାଗ ନେଇପାରିବେ। ଯେଉଁମାନଙ୍କର ଉକ୍ତ ତାରିଖ ପରେ ୩ଟି ସନ୍ତାନ ଜନ୍ମ ହୋଇଥିବେ ସେମାନେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ। ମାତ୍ର ମଞ୍ଜୁଲତାଙ୍କର ୩ ସନ୍ତାନ ଅଛି ଓ ସମସ୍ତଙ୍କ ଜନ୍ମ ୧୯୯୫ ଏପ୍ରିଲ ୨୨ ପରେ ହୋଇଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ପରାଜିତ ପ୍ରାର୍ଥିନୀ ଯମୁନା ସେଠୀ ଅଦାଲତରେ ମୋକଦ୍ଦମା କରିଥିଲେ। ଅଦାଲତ ଉକ୍ତ ମୋକଦ୍ଦମାର ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ମଞ୍ଜୁଲତାଙ୍କ ନିର୍ବାଚନକୁ ବୈଧ ରଖିଛନ୍ତି। ମଞ୍ଜୁଲତାଙ୍କ ପକ୍ଷରୁ ଆଇନଜୀବୀ ଧନେଶ୍ୱର ସ୍ୱାଇଁ ମୋକଦ୍ଦମା ଲଢୁଥିଲେ।

# ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

## ଯୁବ କଂଗ୍ରେସ ଜାତୀୟ ସଭାପତି ଓ କର୍ମକର୍ତ୍ତାଙ୍କୁ ଦିଲ୍ଲୀରେ ପୋଲିସ ଗିରଫ କରିବାରୁ ପ୍ରତିବାଦ

ଜଗତ୍‌ସିଂହପୁର, ୨୭।୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଟାଉନ୍ ହଲ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବ ନେତା ପ୍ରୀତମ ପରିଜାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିକ୍ଷୋଭ ସମାବେଶରେ ବିକ୍ଷୋଭକାରୀମାନେ କହିଥିଲେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସମ୍ମିଳନୀ ଚାଲିଥିଲାବେଳେ ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। କିନ୍ତୁ ଦିଲ୍ଲୀ ପୋଲିସ ଯେଉଁଭଳି ଭାବରେ ଯୁବ କଂଗ୍ରେସ ଜାତୀୟ ସଭାପତି ଓ କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା ତାହା ଅତ୍ୟନ୍ତ ନିନ୍ଦନୀୟ। ପ୍ରଧାନମନ୍ତ୍ରୀ ଆମେରିକାର କଟ୍‌ପୁତୁଳି ସାଜିଥିବାରୁ ଯୁବ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବା କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ଉପ ସଭାପତି ଅଶ୍ୱିନୀ ସ୍ୱାଇଁ, ସମ୍ପାଦକ ଦିଲୀପ କୁମାର ମାହାର ଓ ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟିଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ଯୁବ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# ପୋଲିସକୁ ଢେଲା ପଥର ମାଡ଼, ଗାଡ଼ି ଭଙ୍ଗାରୁଜା : ୧୫ ଗିରଫ

## ଜୁଆ ଆଡ୍ଡା ଉପରେ ଚଢ଼ାଉ ବେଳେ ଉତ୍ତେଜନା

ଏରସମା, ୨୭। ୨ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ଗ୍ରାମରେ ଯାତ୍ରା ଚାଲିଥିବାବେଳେ ଗୁରୁବାର ରାତିରେ ଅଭାବନୀୟ ଘଟଣା ଘଟିଛି। ସେଠାରେ ଥିବା ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ାଉ ବେଳେ ଉତ୍ତେଜନା ପ୍ରକାଶ ପାଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ଏଏସ୍‌ଆଇ ଆଲିସ ପ୍ରତିଭା ମିଞ୍ଜ ଓ କନ୍‌ଷ୍ଟେବଲ ସୁଜିତ ମହାନ୍ତି।

ଏହି ଘଟଣାରେ ଶୁକ୍ରବାର ପୋଲିସ ୧୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ବାଲେରା ଗ୍ରାମର ଅଲେଖ ବେହେରା, ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ନାଳିଓ ଗ୍ରାମର ପ୍ରଦୀପ୍ତ କେତନ ମହାନ୍ତି, ଏରସମା ଥାନା ଅନ୍ତର୍ଗତ ଜିରାଇଲୋ ଗ୍ରାମର ଚିନ୍ମୟ ମାଝୀ, ଗାରିଆ ଗ୍ରାମର ଧୀରେନ୍ଦ୍ର ସାହୁ, ଆମ୍ବିକି ଗ୍ରାମର ସୁଦାମ ଗିରି, ରାଜେଶ ମହାରଣା, ରାଜେଶ ସ୍ୱାଇଁ, ଦିଲୀପ କାଣ୍ଡି, ପ୍ରହ୍ଲାଦ କାଣ୍ଡି, କାଳନ୍ଦୀ କାଣ୍ଡି, ଗୁରୁପଦ ଦାସ, ଆଉଁରି ଗ୍ରାମର ଅନିରୁଦ୍ଧ ସ୍ୱାଇଁ, ହାତିଆପାଳ ଗ୍ରାମର ଗୌରାଙ୍ଗ ମଣ୍ଡଳ, ଚାଉଳିଆ ଗ୍ରାମର ଦୁଃଖୀ କାଣ୍ଡି ଓ ଦୀପକ ଗାୟନ।

ପ୍ରକାଶ ଯେ, ଆମ୍ବିକି ଗ୍ରାମରେ ଯାତ୍ରା ହେଉଥିଲା। ସେଠାରେ ବେଆଇନ ଭାବେ ଜୁଆ ଖେଳ ହେଉଥିବା ସୂଚନା ପାଇ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ବିଳମ୍ବିତ ରାତିରେ ଏରସମା ପୋଲିସ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ଦୁର୍ବୃତ୍ତମାନେ ପୋଲିସ ଉପରକୁ ଢେଲା ପଥର ଫିଙ୍ଗିବା ସହ ପୋଲିସ ଗାଡି ଭଙ୍ଗାରୁଜା କରିଥିଲେ। ଏନେଇ ଏରସମା ଥାନା ଆଇଆଇସି ପ୍ରେମଜୀତ ଦାସଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ. ନଂ ୮୪/୨୬) ରୁଜୁ କରାଯାଇଛି।

# ଓଲଟିଲା ଅଟୋ: ୮ ମାଟ୍ରିକ ପରୀକ୍ଷାର୍ଥୀ ଆହତ

ନୟାଗଡ଼/ ଦଶପଲ୍ଲା,୨୭।୨
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

## ଜଣେ ଛାତ୍ରୀ ଗୁରୁତର

## ୬୦ କି.ମି. ଦୂରରେ ପଡିଥିଲା ସେଣ୍ଟର

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଚିନାପହଁରା ଅଞ୍ଚଳ ପୋଡାସାହି ନିକଟରେ ଶୁକ୍ରବାର ଅପରାହ୍ନରେ ବିଲ ଭିତରକୁ ଏକ ଅଟୋ ଓଲଟି ୮ ମାଟ୍ରିକ ପରୀକ୍ଷାର୍ଥୀ ଆହତ ହୋଇଛନ୍ତି । କୁତିବାରୀ ହାଇସ୍କୁଲର ୧୦ ଜଣ ଛାତ୍ରୀ ଗାଁ ଠାରୁ ୬୦ କି.ମି.ଦୂର ଦଶପଲ୍ଲା ହାଇସ୍କୁଲରେ ପରୀକ୍ଷା ଦେଇ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଲୋକ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦଶପଲ୍ଲାରେ ଚିକିତ୍ସିତ ୮ ଛାତ୍ରୀଙ୍କ ମଧ୍ୟରୁ ବର୍ଷାରାଣୀ ନାୟକଙ୍କ ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ବର୍ଷାଙ୍କର ଗୋଡ ଭାଙ୍ଗି ଯାଇଥିବାବେଳେ ମାମାଲିଙ୍କ ଗୋଡରେ ଆଘାତ ଲାଗିଛି। ମାମାଲି ଅନୁରୂପ ଭାବେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବା ଜଣାପଡିଛି । ଖବର ପାଇ ଦଶପଲା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।


ଆହତ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ପ୍ରକାଶଯେ, ବାଣିଗୋଛା ଥାନା ନୂଆଗାଁ ଓ କଳସଖମଣ ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ମାଟ୍ରିକ ପରୀକ୍ଷାର୍ଥୀଙ୍କର ୬୦ କି.ମି. ଦୂର ଦଶପଲ୍ଲା ହାଇସ୍କୁଲରେ ସେଣ୍ଟର ପଡିଥିଲା । ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ପ୍ରାୟ ୧୦ ରୁ ଉର୍ଦ୍ଧ୍ୱ ଅଟୋ କରି ପ୍ରତିଦିନ ଯିବା ଆସିବା କରୁଥିଲେ। ମାଟ୍ରିକ ପରୀକ୍ଷା ସେଣ୍ଟର ୫ କି.ମି. ମଧ୍ୟରେ ହେବାର ନିୟମ ଥିବାବେଳେ ୬୦ କି.ମି. ଦୂରରେ ପଡିବାକୁ ନେଇ ଅଭିଭାବକମାନେ ବିରୋଧ କରି ପ୍ରତିବାଦ କରିଥିଲେ । ହେଲେ ସୁଫଳ ମିଳି ନ ଥିଲା । ୨୦୧୨ ରେ ନୂଆଗାଁ ଥାନା ସଂପଡା ନିକଟରେ ଦୁର୍ଘଟଣା ହୋଇ ୬ଜଣ ଛାତୀଛାତ୍ରଙ୍କର ମୃତ୍ୟୁ ହୋଇଥିଲା । ସମ୍ପୃକ୍ତ ଘଟଣା ସାରା ଓଡ଼ିଶାରେ ଚହଳ ପକାଇଥିଲା। ଦୁର୍ଘଟଣା ପର ବର୍ଷଠାରୁ ନିଜ ସ୍କୁଲରେ ସେଣ୍ଟର ପଡୁଥିଲା । କିଛି ବର୍ଷ ପରେ ନିୟମ ପରିବର୍ତ୍ତନ ହୋଇ ପାଖ ସ୍କୁଲରେ ସେଣ୍ଟର ପଡୁଥିଲା । ତେବେ ୬୦ କି.ମି.ଦୂରରେ କିପରି ସେଣ୍ଟର ପକାଗଲା, କିଏ ପକାଇଲା ସେନେଇ ସାଧାରଣରେ ଅସନ୍ତୋଷ ବଢ଼ିଛିଣ୍। ପରୀକ୍ଷା ସେଣ୍ଟର ୬୦ କି.ମି.ଦୂରରେ ପଡିବା ନେଇ ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେଙ୍କୁ ପଚାରିବାରୁ ସେ କିଛି ନ କହି ଏଡାଇ ଯାଇଥିଲେ ।

# ଗ୍ରହଣ ପାଇଁ ନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ନୀତି


ପ୍ରସ୍ତୁତି ବୈଠକରେ ନୀତି ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା କରାଯାଉଛି।

ଖଣ୍ଡପଡା,୨୭।୨(ଅଜୟ କୁମାର ମହାରଣା)

୩ ତାରିଖରେ ଦୋଳ ପୂର୍ଣ୍ଣମୀରେ କେତୁଗ୍ରସ୍ତ ଚନ୍ଦ୍ର ଗ୍ରହଣ ପଡୁଥିବା ଯୋଗୁ ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉ ଏବଂ ଖଣ୍ଡପଡା ଶ୍ରୀଜଗନ୍ନାଥ ଜୀଉଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଥିବା ମନ୍ଦିର ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏହି ଅବସରରେ ପୁରୀ ଶ୍ରୀକ୍ଷେତ୍ର ଠାକୁରଙ୍କ ସମସ୍ତ ରୀତି ନୀତି ସହ ସାମଞ୍ଜସ୍ୟ ରହିଥିବା ଶ୍ରୀ ନୀଳମାଧବ ଜୀଉଙ୍କ ଦୋଳ ପୂର୍ଣ୍ଣମୀରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ଗୁରୁବାର ଅପରାହ୍ନରେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କ ଉପସ୍ଥିତିରେ ସ୍ଥାନୀୟ ବାଘ ଆଖଡା ଗୃହରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ନୀଳମାଧବ ପୂଜକ ସମାଜ ସଭାପତି ନୀହାର ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପୂଜକ ସମାଜର ଉପ ସଭାପତି ସୀମାଞ୍ଚଳ ମିଶ୍ର, ସମ୍ପାଦକ ମନୋରଞ୍ଜନ ମିଶ୍ର, ସହ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର, କର୍ମକର୍ତ୍ତା ଶ୍ରବଣରାମ ମିଶ୍ର, ରାଶେଶ୍ୱର ମିଶ୍ର, ବାବୁଲି ମିଶ୍ର, ପ୍ରସନ୍ନ କୁମାର ମିଶ୍ର, ରବୀନ୍ଦ୍ର କୁମାର ମିଶ୍ର ଏବଂ ଜ୍ୟୋତିଷ ସନ୍ତୋଷ କୁମାର ଶିରୋମଣି ପ୍ରମୁଖ ଉପସ୍ଥିତ ରହି ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ୨ତାରିଖ ତଥା ଚତୁର୍ଦ୍ଦଶୀ ତିଥି ରାତି ୨ଟାରେ ପହଡ ଖୋଲା ଓ ମଙ୍ଗଳ ଆଳତି, ୨.୧୫ରେ ସ୍ନାନପୂଜା ଓ ଅବକାଶ, ୨.୩୦ରେ ରୋଷ ହୋମ, ୩ଟାରେ ସୂର୍ଯ୍ୟପୂଜା, ୩.୧୫ରେ ଦ୍ୱାରପାଳ ପୂଜା, ୩.୩୦ ଗୋପାଳ ବଲ୍ଲଭ ପୂଜା, ୩.୪୫ରେ ସକାଳ ଧୂପ, ୩ତାରିଖ ସକାଳ ୪.୧୫ରେ ଭଅଣ୍ଡ,୪.୩୦ରେ ମଦନ ମୋହନ ଜୀଉ, ଭୂଦେବୀ, ଶ୍ରୀଦେବୀଙ୍କ ବେଶ ଓ ଦୋଳବିଜେ, ୫ଘଣ୍ଟା ସମୟରେ ଦୋଳବେଦୀ ବିଜେ ପାଇଁ ମନ୍ଦିର ପରିକ୍ରମା,୫.୩୦ରେ ଦୋଳବେଦୀ ପରିକ୍ରମା, ୬ଘଣ୍ଟା ସମୟରେ ମଙ୍ଗଳାର୍ପଣ ଓ ଦୋଳ ବିଜେ ଅନୁଷ୍ଠିତ ହେବ । ଅପରାହ୍ନ ୩.୨୦ରେ ଗ୍ରହଣ ଭୋଗ ଓ ମହାସ୍ନାନ, ସନ୍ଧ୍ୟା ୬.୪୭ ସମୟରେ ଗ୍ରହଣ ମୋକ୍ଷ ଭୋଗ ନୀତି ଅନୁଷ୍ଠିତ ହେବ ବୋଲି ନୀତି ନିର୍ଦ୍ଧାରଣ ହୋଇଛି।

# ଫଗୁ ଦଶମୀରେ ଠାକୁର ଗ୍ରାମ ପରିକ୍ରମା କଲେ

ଖଣ୍ଡପଡ଼ା,୨୭।୨(ଅଜୟ କୁମାର ମହାରଣା):ଫାଲଗୁନ ଶୁକ୍ଳପକ୍ଷ ତିଥି ମଙ୍ଗଳବାରଠାରୁ ଠାକୁରଙ୍କ ଦୋଳ ପର୍ବ(ଫଗୁ ଦଶମୀ) ଆରମ୍ଭ ହୋଇଛି। ଏହି ଅବସରରେ ଖଣ୍ଡପଡା ବ୍ଲକ ସିଧାମୂଳାସ୍ଥିତ ଚନ୍ଦ୍ରଶେଖର ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଏବଂ ଜଗନ୍ନାଥପ୍ରସାଦ ସ୍ଥିତ ମା' ମହିଷାଶୁଣୀଙ୍କୁ ମନ୍ଦିରରେ ଫଗୁ ଲାଗି କରାଯାଇ ପୂଜାର୍ଚ୍ଚନା ପରେ ଏକ ସୁସଜ୍ଜିତ ବିମାନରେ ସନ୍ଧ୍ୟା ଆଳତି ପରେ ମନ୍ଦିରରେ ଚଣା, ଖଜା ଓ ଆମ୍ବ ପୂଜା ପରେ ଫଗୁ ଖେଳ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଠାକୁରଙ୍କ ଏହି ଗ୍ରାମ ପରିକ୍ରମା ପରମ୍ପରା ୩ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରାତଃ ସମୟରେ ପ୍ରଭୁଙ୍କର ନୀତିକାନ୍ତି ଶେଷ ହେବାପରେ ଗୋକୁଳାନନ୍ଦ ଜୀଉଙ୍କ ପାର୍ଶ୍ୱ ଠାକୁର ବାବା ଆଖଣ୍ଡଳେଶ୍ୱର, ପ୍ରଭୁ ଅଞ୍ଜନେୟ ଓ ପତିତପାବନଙ୍କୁ ନବ ବସ୍ତ୍ର ପରିଧାନ ପରେ ପୂଜକମାନେ ପ୍ରଭୁ ଗୋକୁଳାନନ୍ଦ ଜୀଉଙ୍କୁ ସଜ୍ଜିତ କରିଥିଲେ । ବିଗ୍ରହଙ୍କ ମନଲୋଭା ବେଶ ଦର୍ଶନ ସହ ଭୋଗଲାଗି ନିମନ୍ତେ ମନ୍ଦିର ପରିସରରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଶୁକ୍ରବାର ସନ୍ଧ୍ୟାରେ ଠାକୁର ଚାଟେରି ଭୋଗ ଲାଗି ନିକଟସ୍ଥ ରାଜକିଆରୀ, କନାସିଂ ଓ ଦୁଆରଗାଁକୁ ବିମାନ ଯୋଗେ ବିଜେ ହୋଇଥିଲେ ।


ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

# ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା

ଖଣ୍ଡପଡ଼ା, ୨୭।୨(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଏକ ଏକତା ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ବୀର ମହାରାଜପୁରର ବିଧାୟକ ରଘୁନାଥ ଜଗଦଳା, ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକତା ପଦଯାତ୍ରାରେ ସମସ୍ତେ ସାମିଲ ହୋଇଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରୁ ପଦଯାତ୍ରା ଆରମ୍ଭ ହୋଇ ମଧୁବନ ମିନି ଷ୍ଟାଡିୟମ ନିକଟରେ ଶେଷ ହୋଇଥିଲା। ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ଥାନାଧିକାରୀ କୃତ୍ତିବାସ ହରିଚନ୍ଦନ,ବ୍ଲକ ସାମାଜିକ ସୁରକ୍ଷା ସମ୍ପ୍ରସାରଣ ଅଧିକାରୀ ଅରୁଣ କୁମାର ନାୟକ, ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ପୋଲିସ କର୍ମଚାରୀ,ଅଙ୍ଗନବାଡ଼ି କର୍ମୀମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।


ବ୍ଲକ ପ୍ରଶାସନ ପକ୍ଷରୁ ବାହାରିଥିବା ପଦଯାତ୍ରା ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର ପାଇଁ ସିଡିଏମଓଙ୍କୁ ଫେରାଦ୍

ନୟାଗଡ଼,୨୭।୨(ଲୋକନାଥ ମିଶ୍ର)

## ୫ ଦଫା ଦାବି ପୂରଣ ନ ହେଲେ ମାର୍ଚ୍ଚ ୫ରେ ଧର୍ମଘଟ

ନୟାଗଡ଼ ଜିଲା ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଛି । ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ଶରଣକୁଳ ବିକାଶ ମଞ୍ଚ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରର ୫ ଦଫା ଦାବି ପୂରଣ ନ କଲେ ମାର୍ଚ୍ଚ ୫ରେ ୧୨ ଘଣ୍ଟିଆ ଧର୍ମଘଟ କରାଯିବ ବୋଲି ଚେତାବନୀ ଦିଆଯାଇଛି । ସ୍ମାରକପତ୍ରରେ ଦର୍ଶା ଯାଇଛି, ସ୍ୱାସ୍ଥ୍ୟକେନ୍ଦ୍ରରେ ମଞ୍ଜୁରପ୍ରାପ୍ତ ଡାକ୍ତରୀ ପଦବୀ ପୂରଣ କରାଯାଉ । ପାଳିରେ ଚାଲୁଥିବା ଡାକ୍ତର ଓ କର୍ମଚାରୀ ସେବାକୁ ବନ୍ଦ କରାଯାଉ । ବିଗତ ଦିନରେ ଡାକ୍ତରଙ୍କୁ ମାଡ ମରାଯାଇଥିବା କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଉ। ପୁଣି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହକୁ ଶୀଘ୍ର କାର୍ଯ୍ୟ ସମାପ୍ତ କରାଯାଉ, ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବ ତବବା ପରୀକ୍ଷଣ ଯନ୍ତ୍ରକୁ ତୁରନ୍ତ ଯୋଗାଇବାର ବ୍ୟବସ୍ଥା କରାଯାଉ, ଅନ୍ୟପକ୍ଷେ ମେଡିକାଲ ଅଫିସରଙ୍କ ସମ୍ପର୍କରେ ହୋଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରାଯିବା ପରି ଦାବି ରହିଛି । ସୂଚନା ଅନୁସାରେ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ଭାବେ ତାପସ ରଞ୍ଜନ ସେନାପତି ବର୍ଷେରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଥିଲେ । ନିକଟରେ ଜଣେ କନିଷ୍ଠ ଡାକ୍ତରଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ଚିଠି ଆସିଥିଲା । ପରେ ଡାକ୍ତର ସେନାପତି ଦାୟିତ୍ୱ ହସ୍ତାନ୍ତର କରିଥିଲେ । ତେବେ ସେନାପତି ମେଡିକାଲ ଅଫିସର ଭାବେ କାମ କରୁଥିବାବେଳେ ସ୍ଥାନୀୟ ଲୋକ ଭଲ ସ୍ୱାସ୍ଥ୍ୟସେବା ପାଇ ଆସୁଥିଲେ । ତାଙ୍କୁ ଦାୟିତ୍ୱରୁ ହଟାଯିବା ଠିକ ହୋଇ ନାହିଁ । ପୁଣି ଥରେ ଡାକ୍ତର ସେନାପତିଙ୍କୁ ମେଡିକାଲ ଅଫିସର ଭାବେ ରଖାଯିବାକୁ ଦାବି କରାଯାଇଥିଲା । ଏହା ପରେ ସିଡିଏମଓ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇ ତଦନ୍ତ କରାଇଥିଲେ । ହେଲେ କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମିଷ୍ଟି


@ କିରଣ


@ ଶିବାନୀ


@ ରାଧେଶ୍ୟାମ


@ ସଚିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

ଗଣିଆ, ୨୭।୨
(ସନ୍ତୋଷ କୁମାର ପ୍ରଧାନ)

ଜଙ୍ଗଲର ଦ୍ରୁତ ଅବକ୍ଷୟ ସହିତ ଗ୍ରୀଷ୍ମ ଋତୁରେ ଜଙ୍ଗଲ ପୋଡ଼ି ଯୋଗୁ ଜଳବାୟୁ ପରିବର୍ତ୍ତନରେ ଘୋର ସମସ୍ୟା ସୃଷ୍ଟି ହେଉଛି। ପରିବେଶ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଯାହାକୁ ନେଇ ସାରା ବିଶ୍ୱରେ ଚିନ୍ତା ଜନକ ବିଷୟ ପାଲଟିଛି। ଏପରିସ୍ଥଳେ ଇନ୍ ଟ୍ରିନ୍ ସିକ ହୋପ୍ ଫାଉଣ୍ଡେଶନ ଓ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର ମିଳିତ ଉଦ୍ୟମରେ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ସଚେତନତା ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟରୁ ବାହାରି ଛାମୁଣ୍ଡିଆ, ଖଳିସାହି, ବେଣ୍ଟପଡ଼ା, ଈଶ୍ୱରପୁର, ମହନାପଦା, ରାଜିଙ୍ଗୀ, ଧୋବାବୋରେଇ ଓ କୁମ୍ଭୀରଖଣି ଆଦି ଗ୍ରାମ ପରିକ୍ରମା କରିଥିଲା। ସେହିପରି ଛାମୁଣ୍ଡିଆ ଓ ରାଜିଙ୍ଗୀ ଗ୍ରାମରେ ଥିବା ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କ ମନରେ ସଚେତନତା ସୃଷ୍ଟି କରିବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଶପଥ ପାଠ କରାଯାଇଥିଲା। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବହୁ ମୂଲ୍ୟବାନ ଔଷଧୀୟ ଗଛଲତା ନଷ୍ଟ ହେବା ସହ ବନ୍ୟଜନ୍ତୁମାନେ ବିପଦରେ ପଡ଼ିଥାଆନ୍ତି। ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଇଥାଏ। ତେବେ ବନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ସହିତ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ପ୍ରତି ଗ୍ରାମରେ ବୈଠକ କରାଯିବ ବୋଲି ଫାଉଣ୍ଡେଶନ ଉପ ସଭାପତି ସୁଶାନ୍ତ କୁମାର ସାମଲ କହିଛନ୍ତି। ସେହିପରି ବଡ଼ସିଲିଙ୍ଗା ପଞ୍ଚାୟତରେ ମଧ୍ୟ ଶୁକ୍ରବାର ଏହି ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ଭୂତିଆ, ବନପାଳ କାଳନ୍ଦୀ ଚରଣ ସାଥୁଆ, ଦୀପକ ମିଶ୍ର ଓ ଅନ୍ତର୍ଯ୍ୟାମୀ ଯାନୀଙ୍କ ସମେତ ବହୁ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।


ଜଙ୍ଗଲ ସୁରକ୍ଷା ପାଇଁ ଛାତ୍ରୀ ଏବଂ ବନ କର୍ମଚାରୀମାନେ ଶପଥ ନେଉଛନ୍ତି।

# ପିଇଓଙ୍କ ଦୁର୍ବ୍ୟବହାରକୁ ନେଇ ଉଦ୍‌ବେଗ

ନୟାଗଡ,୨୭।୨(ଲୋକନାଥ ମିଶ୍ର)

## ■ଜିଲାପାଳଙ୍କୁ ଫେରାଦ୍ ହେଲେ ସରପଞ୍ଚ

## ■ନୂଆଗାଁ ବ୍ଲକ ପକ୍ଷରୁ ତଦନ୍ତ ଆରମ୍ଭ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ମାଇଛେଳି ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବିରୋଧରେ ସରପଞ୍ଚ ସ୍ୱାଗତିକା ପ୍ରିୟଦର୍ଶିନୀ ପ୍ରଧାନ ଜିଲାପାଳ ମଧୁମିତା ରଥଙ୍କୁ ଅଭିଯୋଗ କଲା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ବ୍ଲକ ପକ୍ଷରୁ ବିଡିଓଙ୍କ ନିର୍ଦ୍ଦେଶରେ ଆକାଉଣ୍ଟ ଅଫିସର ମନୋଜ କୁମାର ବେଉରା ତଦନ୍ତ ଆରମ୍ଭ କରିଛନ୍ତି । ଅକାଉଣ୍ଟ ଅଫିସର ଶୁକ୍ରବାର ମାଇଛେଳି ପଞ୍ଚାୟତରେ ପହଞ୍ଚି ପିଇଓ ଓ ସରପଞ୍ଚଙ୍କୁ ପଚରାଉଚୁରା କରି ଫେରିଛନ୍ତି । ମହିଳା ସରପଞ୍ଚଙ୍କ ଅଭିଯୋଗ ଅନୁସାରେ ପିଇଓ ସରକାରୀ କାର୍ଯ୍ୟ ଦିବସରେ ମନଇଚ୍ଛା ପଞ୍ଚାୟତକୁ ଆସୁଛନ୍ତି । ବାହାର ପଞ୍ଚାୟତ ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ସାଥିରେ ଆଣି ଅରାଜକତା ଓ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ପଞ୍ଚାୟତର ବିଭିନ୍ନ ଗାଁରୁ ଆସୁଥିବା ଲୋକମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ସରପଞ୍ଚଙ୍କୁ ମେସେଜ ମାଧ୍ୟମରେ ଦୁର୍ବ୍ୟବହାର କରୁଛନ୍ତି । ସରକାରଙ୍କଠାରୁ ଆସୁଥିବା ବିଭିନ୍ନ ଚିଠିପତ୍ର ଓ ନିର୍ଦ୍ଦେଶନାମା ସମ୍ପର୍କରେ ସରପଞ୍ଚଙ୍କୁ ଅବଗତ କରାଉ ନାହାନ୍ତି । ଏନେଇ ବିଡିଓ ଅମୃତ କମ୍ଳାର ରାଉଳଙ୍କୁ ପଚାରିବାରୁ ମହିଳା ସରପଞ୍ଚଙ୍କ ଅଭିଯୋଗ କ୍ରମେ ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ଶେଷ ପରେ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି । ଏନେଇ ସରପଞ୍ଚ ସ୍ୱାଗତିକା ପ୍ରିୟଦର୍ଶିନୀ ପ୍ରଧାନ କୁହନ୍ତି, ତଦନ୍ତ ଆରମ୍ଭ ପରେ ବି ଶୁକ୍ରବାର ପିଇଓ ଜଣେ ଯୁବକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ଆଣିଥିଲେ । ଯୁବକ ଜଣକ ପଞ୍ଚାୟତ ଆଲମିରା ଖୋଲି ସୀରକାରୀ କାଗଜପତ୍ର ବାହାର କରି ଅନୁଧାନ କରୁଥିବା ଦେଖିବାକୁ ପାଇଲୁ। ଯାହାକି ସରକାରୀ ନିୟମ ବିରୋଧୀ ବୋଲି କହିଛନ୍ତି । ଏନେଇ ନୂଆଗାଁ ପିଇଓଙ୍କର ଫୋନ ନଂ ୮୯୨୬୨୮୫୧୬୩ନମ୍ବରକୁ ଘଟଣା ସମ୍ପର୍କରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲା । ହେଲେ ସେ ଫୋନ ଉଠାଇ ନ ଥିଲେ ।

